**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର**
**(ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)**

**ସଂଖ୍ୟା:** ୧୦୪ **ତା.** ୧୪.୧୧.୨୦୨୪

**<u>ବିଜ୍ଞପ୍ତି</u>**

**ଡଃ ବଳରାମ ସିଂ ବନାମ ଭାରତ ସରକାର [WP (C) ନଂ ୩୨୪/୨୦୨୦] ମାମଲାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ଵାରା ପ୍ରଦତ୍ତ ରାୟ ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ସମ୍ବଲପୁର ମହାନଗର ନିଗମ, ସମସ୍ତ ସହରାଞ୍ଚଳ ଏବଂ ସମସ୍ତ ପଞ୍ଚାୟତ ସମିତିରେ କରାଯାଇଥିବା ସର୍ଭେ ଅନୁସାରେ ଏହି ଜିଲ୍ଲାରେ କୌଣସି ଉଠା ପାଇଖାନା (ଇନସାନିଟାରୀ ଲାଟ୍ରିନ) କିମ୍ବା ହସ୍ତକୃତ ଭାବରେ ମଳ ସଫେଇ କରୁଥିବା ବ୍ୟକ୍ତି (ମାନୁଆଲ ସ୍କାଭେଞ୍ଜର) ନାହାନ୍ତି। ଏଣୁ ଜିଲ୍ଲାସ୍ତରୀୟ ସର୍ଭେ କମିଟିର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ପ୍ରଶାସନ ସମ୍ବଲପୁର ଜିଲ୍ଲାକୁ ଉଠା ପାଇଖାନା (ଇନସାନିଟାରୀ ଲାଟ୍ରିନ) କିମ୍ବା ହସ୍ତକୃତ ଭାବରେ ମଳ ସଫେଇ କରୁଥିବା ବ୍ୟକ୍ତି (ମାନୁଆଲ ସ୍କାଭେଞ୍ଜର) ମୁକ୍ତ ଜିଲ୍ଲା ଭାବରେ ଘୋଷଣା କରିବାକୁ ଯାଉଛନ୍ତି। ଯଦି କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଏ ସମ୍ପର୍କରେ କିଛି ଆପତ୍ତି / ଅଭିଯୋଗ / ମତାମତ ଦେବାକୁ ଚାହୁଁଛନ୍ତି, ସେମାନେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ନିମ୍ନସ୍ଵାକ୍ଷରକାରୀଙ୍କୁ ଲିଖିତ ଆକାରରେ ଜଣାଇପାରିବେ। ନିର୍ଦ୍ଧାରିତ ସମୟସୀମା ପରେ ହସ୍ତଗତ ହୋଇଥିବା ଆପତ୍ତି / ଅଭିଯୋଗ / ମତାମତ କୁ ଗ୍ରହଣ କରାଯିବ ନାହିଁ।**

**ଜିଲ୍ଲାପାଳ, ସମ୍ବଲପୁର**

**ଜ୍ଞାପନ ସଂଖ୍ୟା** ୧୦୪ **ତାରିଖ** ୧୪.୧୧.୨୦୨୪

ଏହାର ଏକକିତା ନକଲ ସମ୍ବଲପୁର ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ / ତହସିଲଦାର / କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, କୁଚିଣ୍ଡା/ ରେଢାଖୋଲ / ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ / ଉପ-ଜିଲ୍ଲାପାଳ, ସଦର/ ରେଢାଖୋଲ/ କୁଚିଣ୍ଡା / ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମ୍ବଲପୁରଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ସର୍ବସାଧାରଣଙ୍କ ପ୍ରଦର୍ଶନ ନିମନ୍ତେ ପ୍ରେରଣ କରାଗଲା ।

**ଜିଲ୍ଲାପାଳ, ସମ୍ବଲପୁର**

**ଜ୍ଞାପନ ସଂଖ୍ୟା** ୧୦୫ **ତାରିଖ** ୧୪.୧୧.୨୦୨୪

ଏହାର ଏକକିତା ନକଲ ପରିଚାଳକ, ଜିଲ୍ଲା ଇ-ଗଭରନାନ୍ସ, ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ତାଙ୍କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରଦର୍ଶନ ନିମନ୍ତେ ଅନୁରୋଧ କରାଗଲା ।

**ଜିଲ୍ଲାପାଳ, ସମ୍ବଲପୁର**

**ଜ୍ଞାପନ ସଂଖ୍ୟା** ୧୦୬ **ତାରିଖ** ୧୪.୧୧.୨୦୨୪

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସମ୍ବଲପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ୨ ଗୋଟି ଆଗୁଆ ଦୈନିକ ଓଡିଆ ଖବରକାଗଜରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

**ଜିଲ୍ଲାପାଳ, ସମ୍ବଲପୁର**